# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 August – 2026

**************************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ; ଅଧିବେଶନ କାଳରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ

- ସହରାଞ୍ଚଳ ଯାତାୟତକୁ ଅଧିକ ସୁଦୃଢ଼ କରିବା ପାଇଁ ଆରମ୍ଭ ହେବ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା

- ରାଜ୍ୟରେ 'ହର୍ ଘର୍ ତିରଙ୍ଗା' ଅଭିଯାନରେ ମିଶନ ଶକ୍ତିର ମହିଳା ପ୍ରସ୍ତୁତ କଲେ ୬୦ ଲକ୍ଷ ଜାତୀୟ ପତାକା

- ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ରାଜ୍ୟର ୨୪ ଜଣଙ୍କୁ ମିଳିଲା ସୂରଜ ପୁରସ୍କାର

ଏବଂ

- ଅବପାତର ପ୍ରଭାବରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ସମ୍ଭାବନା

# ସଂସଦ ମୁଲତବୀ

ସଂସଦର ଉଭୟ ଗୃହକୁ ଆଜି ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଅଧିବେଶନ କାଳରେ ୧୯ଟି ବୈଠକ ଅନୁଷ୍ଠିତ ହେବା ସହ ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହୋଇଛି। ସାର୍ବଜନୀନ ପରୀକ୍ଷା, ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬, ଜାତୀୟ ସମ୍ମାନର ଅପମାନ ନିବାରଣ ସଂଶୋଧନ ବିଧେୟକ, ଟ୍ରିବ୍ୟୁନାଲ ସଂସ୍କାର ବିଧେୟକ, ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଧେୟକ ଆଦି ଅନ୍ତର୍ଭୁକ୍ତ । ଗତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ୨୫ ଦିନ ଧରି ଚାଲିଥିଲା।

Desk

# ଖଣି ବିଲ୍ ପାରିତ

ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧନ ବିଲ୍ ଆଜି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି। ଏହାପରେ  କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି, ଏହି ବିଧେୟକ ମଞ୍ଜୁରୀ ଲାଭ କରିବା ଦ୍ୱାରା କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହେବ ନାହିଁ କିମ୍ବା ରାଜ୍ୟଗୁଡ଼ିକୁ ଦିଆଯାଉଥିବା ଅଂଶଧନ ପ୍ରଭାବିତ ହେବ ନାହିଁ। ଶ୍ରୀ ରେଡ୍ଡୀ କହିଛନ୍ତି,  ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଗୁଡ଼ିକୁ ଖଣିଜ ରାଜସ୍ୱ ବାବଦରେ ୬୫ ପ୍ରତିଶତ ଅଂଶଧନ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ଏହା ୮୫ ପ୍ରତିଶତକୁ

ବୃଦ୍ଧି ପାଇଛି । ଏହି ବୃଦ୍ଧି ମାଧ୍ୟମରେ ସରକାର ରାଜ୍ୟଗୁଡ଼ିକ ସହିତ ଅଧିକ ରାଜସ୍ୱ ବଣ୍ଟନକୁ ସୁନିଶ୍ଚିତ କରୁଛନ୍ତି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି ।

Desk

## ବସ୍ ଲେନ୍

ସହରାଞ୍ଚଳ ଯାତାୟତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଦକ୍ଷ ଓ ଯାତ୍ରୀ ଅନୁକୂଳ କରିବା ପାଇଁ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ଆଜି ଭୁବନେଶ୍ୱରରେ ଖାରବେଳ ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ି ଅଧିକ ଯାତାୟତ ହେଉଥିବା ଦୁଇଟି କରିଡରକୁ ପାଇଲଟ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ ପ୍ରାଥମିକତା ଲେନ୍ ଦ୍ୱାରା ଟ୍ରାଫିକ ଭିଡ଼ ହ୍ରାସ ପାଇବା ସହ ଜନ ପରିବହନ ସେବା ଅଧିକ ନିର୍ଭରଯୋଗ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ନନ୍ଦନକାନନ ଓ ବାଣୀବିହାରରୁ ଶିଶୁ ଭବନ ପର୍ଯ୍ୟନ୍ତ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ ବୋଲି ବୈଠକରୁ ଜଣାପଡ଼ିଛି।

Desk

## ଆୟୁଷ୍ମାନ ଭାରତ

ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକୁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ସ୍ଥାପନ ସହ ପିଏମ-ରାହତ ଯୋଜନାରେ ମାଗଣା ଜରୁରୀକାଳୀନ ଚିକିତ୍ସା

ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ସିଇଓ ଡାକ୍ତର ବୃନ୍ଦା ଡି ଯୋଜନାର ସମୀକ୍ଷା କରିବା ଅବସରରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ତାଲିକାଭୁକ୍ତ ହସପିଟାଲ ଗୁଡିକୁ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଅନୁପାଳନ ନିଶ୍ଚିତ କରିବା ନିମନ୍ତେ ଆସନ୍ତା ୩୧ ତାରିଖ ସୁଦ୍ଧା ହସ୍ପିଟାଲଗୁଡ଼ିକୁ ପଦକ୍ଷେପ ନେବାକୁ କୁହାଯାଇଛି। ସମୀକ୍ଷା ବୈଠକରେ ପିଏମ-ରାହତ ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ମାଗଣା ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି ।

Desk

## ଇଣ୍ଟରନେଟ୍ ସେବା

ରାଜ୍ୟର ପ୍ରତ୍ୟେକ ଗ୍ରାମକୁ ଇଣ୍ଟରନେଟ୍ ସେବା ଯୋଗାଇବା ଏବଂ ଡିଜିଟାଲ ସେବା ପହଁଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ ବୋଲି ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରଠାରେ ଡିଜିଟାଲ ଭାରତନିଧି ଅଧୀନରେ ଚାଲିଥିବା ବିଭିନ୍ନ ଟେଲିକମ୍ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ରାଜ୍ୟର ସୁଦୂର ଓ ଗ୍ରାମାଞ୍ଚଳରେ ମୋବାଇଲ ଏବଂ ଇଣ୍ଟରନେଟ୍ ସେବାର ପ୍ରସାର, ଫୋର୍-ଜି, ଫାଇଭ୍-ଜି ସଂଯୋଗୀକରଣ ଏବଂ ଟାୱାର ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ନେଟ୍ୱର୍କ ସଂଯୋଗୀକରଣ ଉନ୍ନତ କରିବା ପାଇଁ ଟେଲିକମ୍ କମ୍ପାନୀଗୁଡ଼ିକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି।

HS

## ସର୍ପଦଂଶନ ମୃତ୍ୟୁ ମୁକାବିଲା

ରାଜ୍ୟ ସରକାର ସର୍ପ ଦଂଶନଜନିତ ମୃତ୍ୟୁ ମୁକାବିଲା କରିବାରେ ସଫଳ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି, ଚଳିତ ବନ୍ୟାରେ ୯୨ଟି ସର୍ପଦଂଶନ ଘଟଣା ଘଟିଥିଲେ ମଧ୍ୟ ତ୍ୱରିତ ପଦକ୍ଷେପ ଯୋଗୁଁ କେହି ମୃତାହତ ହୋଇନାହାଁନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଣ୍ଟିଭେନମ ମହଜୁଦ ରଖାଯିବା ସହିତ ଡାକ୍ତରଙ୍କୁ ନିୟୋଜନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ପ୍ରାକୃତିକ ସମ୍ପଦ ମହଜୁଦ ଥିବାରୁ ଅଧିକ ସଂଖ୍ୟାରେ ବଜ୍ରପାତ ହୋଇଥାଏ। ତେବେ ବଜ୍ରପାତ ଜନିତ କ୍ଷୟକ୍ଷତି ରୋକିବାକୁ ରାଜ୍ୟ ସରକାର ତାଳଗଛ ଲଗାଇବା ନେଇ ଯୋଜନା ପ୍ରସ୍ତୁତ କରୁଥିବା ମନ୍ତ୍ରୀ କହିଛନ୍ତି।

BBSR/R

## ହର୍ ଘର୍ ତିରଙ୍ଗା– ମିଶନ ଶକ୍ତି

ହର୍ ଘର୍ ତିରଙ୍ଗା ଅଭିଯାନ ଅଧୀନରେ ରାଜ୍ୟର ୩୦ଟି ଜିଲ୍ଲାର ମିଶନ ଶକ୍ତିର ମହିଳାମାନେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ୬୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାଙ୍କ ସଫଳତାକୁ ନେଇ ପ୍ରତିକ୍ରିୟାରେ କହିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ମହିଳାମାନଙ୍କୁ ସାମୂହିକ ମଞ୍ଚ ମାଧ୍ୟମରେ ସଶକ୍ତ କରାଗଲେ ବୃହତ ସ୍ତରର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନା କରାଯାଇପାରିବ। ହର୍ ଘର୍ ତିରଙ୍ଗା ଆମ ଜାତୀୟ ପତାକା ସମ୍ମାନାର୍ଥେ

ଆୟୋଜିତ ଏକ ଉତ୍ସବ ନୁହେଁ ବରଂ ଏହା ଦେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସହଭାଗିତାର ଏକ ପ୍ରତୀକ। ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ମହିଳାମାନେ ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ହେବା ସହ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିପାରିଛନ୍ତି।

Jajpur/Malkangiri/Rayagada/Kendrapada/BHK/N.gada

## ହର୍ ଘର୍ ତିରଙ୍ଗା

ତିରଙ୍ଗା ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ ବୋଲି 'ହର୍ ଘର୍ ତିରଙ୍ଗା' ଅଭିଯାନରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ରାଜନଗର ଛକଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଛି। ଏଥିରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ତ୍ରିରଙ୍ଗା ଯାତ୍ରା ନାଗରିକଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣିଥରେ ସ୍ମରଣ କରାଇଥାଏ।

ଯାଜପୁର ଜିଲ୍ଲାରେ ମଧ୍ୟ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସମବାୟ ଓ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଜନସାଧାରଣଙ୍କୁ ହର୍ ଘର୍ ତିରଙ୍ଗା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ତ୍ରିରଙ୍ଗା ଯାତ୍ରା ଉମାଦେବୀ ମନ୍ଦିର ନିକଟରେ ପହଁଞ୍ଚିଥିଲା। ୧୨୦ ମିଟର ଲମ୍ବର ଜାତୀୟ ପତାକାକୁ ଧରି ଜନସାଧାରଣ ତ୍ରିରଙ୍ଗାର ମର୍ଯ୍ୟାଦା ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ।

ଭଦ୍ରକ ଜିଲ୍ଲା ତିହିଡ଼ି, ଚାନ୍ଦବାଲି, ଧାମନଗର ବ୍ଲକରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଏନ୍.ସି.ସି. କ୍ୟାଡେଟ୍‌ମାନେ ୩୦୦ ମିଟର ଲମ୍ବ ତ୍ରିରଙ୍ଗା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ରାୟଗଡ଼ା ଜିଲ୍ଲା ଅମ୍ବାଦଳାଠାରେ ଛାତ୍ରଛାତ୍ରୀ, ସାଧାରଣ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ସଚେତନତା ସୃଷ୍ଟି କରିଥିଲେ।

ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ସମସ୍ତ ବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା ଅଭିଯାନ ପାଳିତ ହେଉଛି। ଏହା ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଧୀନତା ଦିବସ ସମ୍ପର୍କିତ ପ୍ରତିଯୋଗିତାମାନ ଆୟୋଜନ କରାଯାଉଥିବା ଜଣାପଡ଼ିଛି।

ଗଞ୍ଜାମ ଜିଲ୍ଲାରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ନିଜ ବାସଭବନରେ ଜାତୀୟ ପତାକା ଲଗାଇବା ସହ ଜିଲ୍ଲାର ସମସ୍ତ ନାଗରିକ ହର୍ ଘର୍ ତିରଙ୍ଗା ଅଭିଯାନକୁ ସଫଳ କରିବା ଲାଗି ଆହ୍ୱାନ ଦେଇଛନ୍ତି।

Desk

# ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନର ମହତ୍ତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଭୁବନେଶ୍ୱର ଲୋକସେବା ଭବନରେ ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୨୪ ଜଣଙ୍କୁ ସୂରଜ ପୁରସ୍କାର ପ୍ରଦାନ କରିଛନ୍ତି ।

ଅଙ୍ଗଦାନ କେବଳ ଏକ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ମାନବିକତାର ସର୍ବୋଚ୍ଚ ଉଦାହରଣ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଣେ ମୃତ ଅଙ୍ଗଦାତା ଦୁଇଟି କିଡନୀ, ଦୁଇଟି ଫୁସ୍‌ଫୁସ୍, ଯକୃତ, ଅନ୍ତଃନଳୀ ଓ ଅଗ୍ନାଶୟ ଦାନ କରିପାରିବେ । ଯାହା ୮ଟି ଜୀବନ ବଞ୍ଚାଇପାରିବ ।

Nayagada

# ସାଇବର ସଚେତନ

ନୟାଗଡ଼ ଜିଲ୍ଲା ବାଣିଗୋଚ୍ଛା ଥାନା ପରିସରରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ, ଛାତ୍ରଛାତ୍ରୀ, ସାମାଜିକ କର୍ମୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରାଇଥିଲେ ।

Malkangiri/Nayagada

## ପୋସ୍ ଅଧିନିୟମ କର୍ମଶାଳା

ନୟାଗଡ଼ ମଡେଲ ଡିଗ୍ରୀ କଲେଜରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ପୋସ୍ ଅଧିନିୟମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମାଛଖଣ୍ଡ ଓ ଅନ୍ୟ ଆଇନଜୀବୀମାନେ ଯୋଗଦେଇ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ପାଇଁ  କାର୍ଯ୍ୟକାରୀ ହେଉଥିବା ପୋସ୍ ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ।

ମାଲକାନଗିରି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୋସ୍ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋସ୍ ଆଇନର ବିଭିନ୍ନ ଦିଗ ଓ କାର୍ଯ୍ୟକାରିତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

Balangir

## ଆକ୍ୱାଟିକ ପ୍ରତିଯୋଗିତା

ଜାତୀୟ ଆକ୍ୱାଟିକ୍ ପ୍ରତିଯୋଗିତାରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସୌରଭ ପୁଟେଲଙ୍କୁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱାର ଯୁବ ସନ୍ତରଣ ପ୍ରତିଭା ସୌରଭଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜାତୀୟ

ଆକ୍ୱାଟିକ୍ ପ୍ରତିଯୋଗିତାରେ ସୌରଭ ପୁଟେଲ ତିନୋଟି ଅଲଗା ଅଲଗା ବର୍ଗରେ ଓଡ଼ିଶାର ପ୍ରଥମ ସନ୍ତରଣକାରୀଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

Ganjam

## ଫେନ୍‌ସିଂ ପ୍ରତିଯୋଗିତା

ଆର୍ନ୍ତଜାତିକ ପାରା ଫେନସିଂ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ଭି.ରମେଶ ରାଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନାଇଜେରିଆର ଲାଗୋସଠାରେ ଚାଲିଥିବା ୨୦୨୬ ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚମ୍ପିଆନସିପ୍‌ରେ ଭି.ରମେଶ ରାଓ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି।

HS

## ସାଳନ୍ଦୀ ନଦୀ ବନ୍ୟା

ରାଜ୍ୟରେ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିବାରୁ ସତର୍କ ରହିବା ଲାଗି ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଏହି ବର୍ଷା ଫଳରେ ସାଳନ୍ଦୀ ନଦୀରେ ବନ୍ୟା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବ୍ରାହ୍ମଣୀ ନଦୀରେ ବନ୍ୟା ହେବାର ସମ୍ଭାବନା ନଥିଲେ ମଧ୍ୟ ଏହା ପ୍ରଭାବିତ ହେବ। ସେହିପରି ବୈତରଣୀରେ ଜଳସ୍ତର ବୃଦ୍ଧି ପାଇଲେ ମଧ୍ୟ ବନ୍ୟା ହେବ ନାହିଁ, କିନ୍ତୁ ବୁଢ଼ାବଳଙ୍ଗରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଏହା ସତର୍କ ସଂକେତ

ଛୁଇଁବାର ସମ୍ଭାବନା ରହିଛି। ଶ୍ରୀ ରାଉତ କହିଛନ୍ତି, ମହାନଦୀରେ ବନ୍ୟା ହେବାର ସମ୍ଭାବନା ନାହିଁ।

Desk

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ରାଜ୍ୟରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**